# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 21 November - 2024

### News Editor : Itishree Singh Rathaur

**********************************

## ମୁଖ୍ୟ ସମ୍ବାଦ

- ମହାତ୍ମାଗାନ୍ଧୀଙ୍କ ବାର୍ତ୍ତାକୁ ପ୍ରସାରିତ କରିବାରେ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଅବଦାନ ଅତୁଳନୀୟ କହିଲେ ରାଷ୍ଟ୍ରପତି ।
  - ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଡକ୍ଟର ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ଉନ୍ମୋଚନ କଲେ ଡାକଟିକେଟ୍ ଏବଂ ସ୍ମରଣୀୟ ମୁଦ୍ରା ।
- ଆସନ୍ତା ପହିଲା ସୁଦ୍ଧା ରାଜ୍ୟରେ ମହିଳାଙ୍କୁ ସୁଭଦ୍ରା ଯୋଜନା ପ୍ରଥମ କିସ୍ତି ପ୍ରଦାନ ୧ କୋଟି ପହଞ୍ଚିବ ।
- ମନ୍ କି ବାତ୍ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ କରିବେ ଭାବବିନିମୟ ।

ଏବଂ

- ଓଡ଼ିଶାରେ ପ୍ରାଣୀସମ୍ପଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ।

# ମହତାବ ଜୟନ୍ତୀ-୧

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ହରେକୃଷ୍ଣ ମହତାବ ରାଜ୍ୟରେ ମହାତ୍ମାଗାନ୍ଧୀଙ୍କର ବାର୍ତ୍ତାକୁ ପ୍ରସାରିତ କରିବାରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଡକ୍ଟର ମହତାବଙ୍କର ୧୨୫ତମ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଭବ୍ୟ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ରାଜ୍ୟର ଲୋକମାନଙ୍କ ଭିତରେ ଦେଶାତ୍ମବୋଧ ଭାବ ସୃଷ୍ଟି କରିବାରେ ଡକ୍ଟର ମହତାବଙ୍କ ଅତୁଳନୀୟ ଅବଦାନ ରହିଥିଲା। ପ୍ରଜାତନ୍ତ୍ର ସମ୍ବାଦପତ୍ରର ପ୍ରତିଷ୍ଠାତା ଡକ୍ଟର ମହତାବ ଗାଁ ମଜଲିସ୍ ସ୍ତମ୍ଭ ଲେଖନ ମାଧ୍ୟମରେ ଗ୍ରାମୀଣ ଓଡ଼ିଶାରେ ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିଲେ। ୧୯୩୮ ମସିହାରେ ମହାନ ସ୍ୱାଧୀନତା ସଂଗ୍ରାମୀ ସୁବାସ ଚନ୍ଦ୍ର ବୋଷ  କଂଗ୍ରେସ ସଭାପତି ଭାବେ ନିଯୁକ୍ତ ହେବାପରେ ଡକ୍ଟର ମହତାବଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ଦଳରେ ସାମିଲ କରିଥିଲେ। ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନ କରିବାରେ ଡକ୍ଟର ମହତାବଙ୍କ ଅବଦାନ ଉପରେ ଆଲୋକପାତ କରି ରାଷ୍ଟ୍ରପତି କହିଥିଲେ ଯେ ତାଙ୍କର ଉଦ୍ୟମରେ କଟକରୁ ଭୁବନେଶ୍ୱରକୁ

ଓଡ଼ିଶାର ରାଜଧାନୀ ସ୍ଥାନାନ୍ତର କରାଯାଇଥିଲା। ଡକ୍ଟର ମହତାବଙ୍କର ୧୨୫ତମ ଜୟନ୍ତୀକୁ ଜାତୀୟ ସ୍ତରରେ ପାଳନ କରାଯାଉଥିବାରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ।

## - V/O -

ଓଡ଼ିଶାରେ ଉତ୍କଳକେଶରୀ ଡକ୍ଟର ମହତାବଙ୍କୁ ଆଧୁନିକ ଭାରତର ଅନ୍ୟତମ ନିର୍ମାତା ଭାବେ ଅଭିହିତ କରି ରାଷ୍ଟ୍ରପତି କହିଥିଲେ ଓଡ଼ିଶା ପ୍ରତି ମହତାବଙ୍କର ଅବଦାନ ଓ ଭଲପାଇବା ପୀଢ଼ୀ ପରେ ପୀଢ଼ୀ ଲୋକଙ୍କୁ ପ୍ରେରଣା ଯୋଗାଇବ। ଏହି ଅବସରରେ ରାଷ୍ଟ୍ରପତି ଏକ ସ୍ମାରକୀ ଡାକଟିକଟ ଏବଂ ସ୍ମରଣୀୟ ମୁଦ୍ରା ଉନ୍ମୋଚନ କରିଥିଲେ। ସୂଚନାଯୋଗ୍ୟ ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ପାଳନ ଅବସରରେ ବିଜ୍ଞାନ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଭର୍ତ୍ତୃହରି ମହତାବ ଯୋଗଦେଇ ଦେଶପ୍ରତି ମହତାବଙ୍କ ଅବଦାନ ଏବଂ ଭାଷା ଭିତ୍ତିରେ ଓଡ଼ିଶା ଗଠନରେ ଡକ୍ଟର ମହତାବଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ।

***Desk***

# ମହତାବ ଜୟନ୍ତୀ-୨

ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କର ଗାଁ ମଜଲିସ୍ ଲେଖାକୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆରେ ମନୋଗ୍ରାଫ୍ ଏବଂ ହିନ୍ଦୀ ଓ ଇଂରାଜୀରେ ଅନୁବାଦ କରାଯାଇଛି । ଏହି ଅବସରରେ ଡକ୍ଟର ମହତାବଙ୍କ ଜୀବନୀ ଏବଂ ସାଧନା ଉପରେ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଉତ୍କଳ କେଶରୀଙ୍କ ୧୨୫ତମ ଜୟନ୍ତୀଙ୍କୁ ଦେଶବ୍ୟାପୀ ପାଳନ କରାଯିବା ଲକ୍ଷ୍ୟରେ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଉଚ୍ଚସ୍ତରୀୟ କମିଟିରେ ୨୩ ଜଣ ସଦସ୍ୟ ରହିଛନ୍ତି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଏ ସଂପର୍କିତ ବିଜ୍ଞପ୍ତି ପ୍ରକାଶ ପାଇଛି ।

***Desk, Bhadrak, Cuttack***

# ମହତାବ ଜୟନ୍ତୀ-୩

ଡକ୍ଟର ମହତାବଙ୍କ ଜନ୍ମୋତ୍ସବାର୍ଷିକୀ ସ୍ମରଣ ଉତ୍ସବ ଆଜିଠାରୁ ୩ ଦିନ ବ୍ୟାପୀ ପାଳନ କରାଯାଉଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସୂଚନା ଓ ଲୋକସଂପର୍କ ବିଭାଗ ସହଯୋଗରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ । ତିନିଦିନ ଧରି ନବ ଉତ୍କଳର ନିର୍ମାତା ଡକ୍ଟର ମହତାବଙ୍କ ସ୍ମୃତି ଚାରଣ ସହ ବିଭିନ୍ନ ଦିବସରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯିବ ।

ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ତାଙ୍କ ଜନ୍ମପୀଠ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକର ଆଗରପଡ଼ାଠାରେ ଚାଲିଛି । ଭଦ୍ରକ ଏବଂ

ଆଗରପଡ଼ାରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ବହୁ ସ୍ଥାନୀୟ ଲୋକ ଓ ଜନପ୍ରତିନିଧିମାନେ ମାଲ୍ୟାର୍ପଣ କରିଛନ୍ତି।

କଟକ ଜିଲ୍ଲାପ୍ରଶାସନ, ମହାନଗର ନିଗମ ଓ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଆୟୋଜିତ ମହତାବ ଜୟନ୍ତୀ ସମାରୋହରେ ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଓଡ଼ିଶାର ବିକାଶ, ଅସ୍ମିତା ଓ ଓଡ଼ିଆ ଜାତିର ଗୌରବ ପାଇଁ ଡକ୍ଟର ମହତାବଙ୍କର ଆଜୀବନ ସଂଗ୍ରାମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି।

# - V/O –

***HS***

## ସୁଭଦ୍ରା ଯୋଜନା : ପ୍ରଭାତୀ ପରିଡ଼ା

ରାଜ୍ୟ ସରକାରଙ୍କର ସୁଭଦ୍ରା ଯୋଜନାରେ ଆସନ୍ତା ଡିସେମ୍ବର ମାସ ପହିଲା ସୁଦ୍ଧା ୧ କୋଟି ମହିଳା ହିତାଧିକାରୀ ଆର୍ଥିକ ସହାୟତା ପାଇଥିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି ଆସନ୍ତା ରବିବାର ସୁଦ୍ଧା ଆଉ ୨୦ ଲକ୍ଷ ମହିଳା ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ି କର୍ମୀଙ୍କୁ ସାମିଲ କରାଯିବ। ବାଦ୍‌ପଡ଼ିଥିବା ୨ ଲକ୍ଷ ୬୭ ହଜାର ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ୍ କରିବା ନେଇ ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ

ବୈଠକ ଅନୁଷ୍ଠିତ ହେବ। ଶ୍ରୀମତୀ ପରିଡ଼ା କହିଛନ୍ତି ବର୍ତ୍ତମାନ ସୁଦ୍ଧା ୧ କୋଟି ୧୬ ଲକ୍ଷ ମହିଳା ସୁଭଦ୍ରା ଯୋଜନା ପାଇଁ ଆବେଦନ କରିଛନ୍ତି।

***Desk***

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ମାସ ୨୪ ତାରିଖ ରବିବାର ଦିନ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ପ୍ରଧାନମନ୍ତ୍ରୀଙ୍କ  ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୧୬ତମ ସଂସ୍କରଣ ହେବ। ମନ୍ କି ବାତ୍ କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ। ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ପ୍ରଧାନମନ୍ତ୍ରୀଙ୍କର ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ମନ୍ କି ବାତ୍‌ର ଭାଷାନ୍ତର ପୁଣିଥରେ ସେହିଦିନ ରାତି ୮ଟାରେ ପ୍ରସାରଣ କରାଯିବ।

***Desk***

## ପ୍ରାଣୀସମ୍ପଦ ବିଶ୍ୱବିଦ୍ୟାଳୟ

ଓଡ଼ିଶାରେ ପ୍ରାଣୀସମ୍ପଦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ

ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି । ସମ୍ବଲପୁରଠାରେ ୧୦୦ ଏକର ଜମିରେ ଆକ୍ୱାପାର୍କ ପ୍ରତିଷ୍ଠା କରାଯିବ ବୋଲି ଭୁବନେଶ୍ୱରଠାରେ ଆୟୋଜିତ ବିଶ୍ୱ ମତ୍ସ୍ୟଦିବସ ପାଳନ ଅବସରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି । ମଧୁର ମାଛ ଉତ୍ପାଦନରେ ଦେଶରେ ଓଡ଼ିଶା ଚତୁର୍ଥ ସ୍ଥାନରେ ରହି ଆତ୍ମନିର୍ଭର ହୋଇପାରିଛି । ଆଗାମୀ ୩ ବର୍ଷରେ ମଧୁର ମାଛ ରପ୍ତାନୀ ବୃଦ୍ଧି ପାଇଁ ସରକାର ମତ୍ସ୍ୟଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବେ ବୋଲି ଶ୍ରୀ ମଲ୍ଲିକ କହିଛନ୍ତି ।

***Puri***

## ରାଷ୍ଟ୍ରପତି ପୁରୀ ଗସ୍ତ

ପୁରୀ ରାଜଭବନ ନିକଟସ୍ଥ ବ୍ଲୁ ଫ୍ଲାଗ୍ ବେଳାଭୂମିଠାରେ  ଆସନ୍ତା ମାସ ୪ ତାରିଖରେ ନୌସେନା ଦିବସ ପାଳନ  ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ଏହି କାର୍ଯ୍ୟକ୍ରମରେ ନୌସେନାର ବିବିଧ କୌଶଳ ପ୍ରଦର୍ଶନ ସହ ଚିତ୍ତାକର୍ଷକ ଏୟାର ସୋ' ଅନୁଷ୍ଠିତ ହେବ । ଜଳଜାହାଜ ମାଧ୍ୟମରେ ଓ ଆକାଶମାର୍ଗରେ ଦୁଃସାହସିକ କୌଶଳ ପ୍ରଦର୍ଶନ କରାଯିବ। ଏୟାର ସୋ' କାର୍ଯ୍ୟକ୍ରମ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି ।

***Bhadrak***

## ପୂର୍ବତଟ ରେଳବାଇ ପକ୍ଷରୁ ମକ୍‌ଡ୍ରିଲ୍

ପୂର୍ବତଟ ରେଳବାଇ ଖୋର୍ଦ୍ଧା ରୋଡ ଡିଭିଜନ ପକ୍ଷରୁ ଭଦ୍ରକ ଜିଲ୍ଲା କେନ୍ଦୁଆପଦା ରେଳଷ୍ଟେସନ୍‌ରେ ଦୁର୍ଘଟଣା ବେଳେ ଯାତ୍ରୀଙ୍କୁ କିପରି ଉଦ୍ଧାର

କରାଯିବ ସେ ସମ୍ପର୍କିତ ଏକ ସାମୂହିକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ରୋଡ ଡିଭିଜନର ବରିଷ୍ଠ ଅଧିକାରୀଙ୍କ ସମେତ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ପୁଲିସ୍ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

***Desk***

# ସିବିଏସ୍‌ଇ-ପରୀକ୍ଷା

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ସିବିଏସ୍‌ଇ ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଆସନ୍ତା ଫେବୃୟାରୀ ମାସ ୧୫ ତାରିଖରୁ ଆରମ୍ଭ ହେବ । ଦଶମ ଶ୍ରେଣୀ ପରୀକ୍ଷା ମାର୍ଚ୍ଚ ୧୮ ତାରିଖ ଯାଏଁ ଏବଂ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଏପ୍ରିଲ୍ ୪ ତାରିଖ ପର୍ଯ୍ୟନ୍ତ ଚାଲିବ । ପରୀକ୍ଷାର କାର୍ଯ୍ୟସୂଚୀ ସିବିଏସ୍‌ଇ ବୋର୍ଡ ପକ୍ଷରୁ ପ୍ରକାଶ ପାଇଛି ।